# ମାଣିକପୁର ସ୍ୱତନ୍ତ୍ର ଛାତ୍ରୀ ନିବାସ ଜରାଜୀର୍ଣ୍ଣ

ବୀରମହାରାଜପୁର,୨୨ ।୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ମୂର୍ସୁନ୍ଦି ପଞ୍ଚାୟତର ମାଣିକପୁରରେ ପ୍ରାୟ ୨୦ବର୍ଷ ତଳେ ତିଆରି ହୋଇଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଦୁଇମହଲ ବିଶିଷ୍ଟ ସ୍ୱତନ୍ତ୍ର ଛାତ୍ରୀ ନିବାସ ଆଜି ଜରାଜୀର୍ଣ୍ଣ। ଏହି ଛାତ୍ରୀ ନିବାସ ନିର୍ମାଣ ଦ୍ୱାରା ବିଦ୍ୟାଳୟରେ ହରିଜନ ଓ ଆଦିବାସୀ ଛାତ୍ରୀଙ୍କ ନାମଲେଖା ବୃଦ୍ଧି ପାଇବ ଓ ଡ୍ରପଆଉଟ୍ ହାର ହ୍ରାସପାଇବା ସହ ବାଳିକା ଶିକ୍ଷାର ବିକାଶ ହେବ ବୋଲି ସରକାରଙ୍କ ଲକ୍ଷ୍ୟ ଥିଲା; ମାତ୍ର ଏହି ଛାତ୍ରୀ ନିବାସ ନିର୍ମାଣ ହେବା ଦିନଠାରୁ ଗୋଟିଏ ଦିନ ବି ବ୍ୟବହାର ହୋଇନି। ଏହାର ସଦୁପଯୋଗ ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ୨୦୦୫-୦୬ ଆର୍ଥିକ ବର୍ଷରେ ୧୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଛାତ୍ରୀ ନିବାସ ନିର୍ମାଣ ହୋଇଥିଲା। ଛାତ୍ରୀ ନିର୍ମାଣ ପାଇଁ ସେତେବେଳେ ଆବଶ୍ୟକ ଜାଗାର ଅଭାବ ଦେଖାଦେଇଥିଲା। ସ୍ଥାନୀୟ ଅଞ୍ଚଳର ଶିକ୍ଷାର ବିସ୍ତାର ହେବା ଆଶାରେ କିଛି ବ୍ୟକ୍ତି ଜମି ଦାନ କରିଥିଲେ।



- ୨୦୦୫-୦୬ରେ ୧୪ଲକ୍ଷ ଟଙ୍କାରେ ନିର୍ମାଣ ହୋଇଛି
- ତଳ ଓ ଉପର ମହଲାରେ ୪ଟି ଲେଖାଏ ବଖରା ରହିଛି
- ୧୦୦ଜଣ ଛାତ୍ରୀ ରହିବାର ବ୍ୟବସ୍ଥା ହୋଇଥିଲା

ଏଠାରେ ତଳ ଓ ଉପର ମହଲାରେ ୪ଟି ଲେଖାଏ ବଖରା ରହିଛି। ୧୦୦ଜଣ ଛାତ୍ରୀ ରହିବାର ବ୍ୟବସ୍ଥା ହୋଇଥିଲା। କୋଠା ନିର୍ମାଣ ପାରେ ଏହି ଛାତ୍ରୀ ନିବାସକୁ ବିଦ୍ୟୁତ୍ ସଂଯୋଗ ମଧ ହୋଇଥିଲା; ମାତ୍ର ପାଚେରୀ ନିର୍ମାଣ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରି ନ ଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଅନେକ ଥର ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଛାତ୍ରୀ ନିବାସର ଅବଶିଷ୍ଟ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରାଯାଇ ଶୀଘ୍ର ଏହାର କାର୍ଯ୍ୟକ୍ଷମ ହେବ ବୋଲି ଅନେକ ସମୟରେ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ମଧ ଦେଇଛନ୍ତି। ବିଭାଗୀୟ ସ୍ତରରେ ଏଥିପାଇଁ ଆବଶ୍ୟକ ଖର୍ଚ୍ଚ ଅଟକଳ ପ୍ରସ୍ତୁତି ସହ ମଞ୍ଜୁରୀ ପାଇଁ ଉପରକୁ ପଠାଯାଇଥିବା କୁହାଯାଇଛି; ମାତ୍ର ଆଜି ସୁଦ୍ଧା ଛାତ୍ରୀ ନିବାସର ସ୍ଥିତିରେ କିଛି ବି ପରିବର୍ତ୍ତନ ଆସିପାରି ନାହିଁ। ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଏହି ଛାତ୍ରୀ ନିବାସର ରକ୍ଷଣା ବେକ୍ଷଣ ଅଭାବରୁ କାନ୍ଥରୁ ଚୂନ ଓ ରଙ୍ଗ ଛାଡି ଗଲାଣି। କେତେକ ଜାଗାରେ ଉଇ ଲାଗି ଗଲାଣି। ବାହାରୁ ଲକ୍ଷ୍ୟ କଲେ ଏହା ଭୂତ କୋଠୀ ଭଳି ଦେଖା ଗଲାଣି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏଥି ପ୍ରତି ଆଦୌ ଦୃଷ୍ଟି ଦେଉନାହିଁ।

## ମାର୍ଚ୍ଚ ୧୬ରୁ କଣ୍ଟାମାଳ ଲୋକ ମହୋତ୍ସବ

କଣ୍ଟାମାଳ,୨୨।୨ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ କଳା ସଂସ୍କୃତି ସଂଘ ଓ କଣ୍ଟାମାଳ ଲୋକ ମହୋତ୍ସବ କମିଟି ଆନୁକୂଲ୍ୟରେ ପ୍ରତିବର୍ଷ କଣ୍ଟାମାଳ ଲୋକ ମହୋତ୍ସବ ଓ ରାମାୟଣ ମହୋତ୍ସବ ଆୟୋଜିତ ହୋଇ ଆସୁଛି। ଏଥର ଏହି କାର୍ଯ୍ୟକ୍ରମ ୧୦ମ ବର୍ଷରେ ପହଞ୍ଚିଛି। ମାର୍ଚ୍ଚ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ କଣ୍ଟାମାଳ ଯୋଗୀନ୍ଦ୍ର ଦେବ ସରକାରୀ ମଧ ଇଂରାଜୀ ବିଦ୍ୟାଳୟ ଖେଳ ପଡ଼ିଆ ସ୍ଥିତ ରାଜା ଯୋଗୀନ୍ଦ୍ର ଲୋକ କଳା ମଣ୍ଡରେ ୫ଦିନ ଧରି ଏହି ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ଦାଶଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କମିଟି ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ମୁକେଶ ପାଢ଼ୀଙ୍କ ପ୍ରସ୍ତାବ ଓ ରାଧାବଲ୍ଲଭ ପ୍ରଧାନଙ୍କ ସମର୍ଥନ କ୍ରମେ ମହେନ୍ଦ୍ର ଦାଶଙ୍କୁ ଆବାହକ ଭାବେ ମନୋନୀତ କରାଯାଇଛି। ସସ୍ମିତା ସେନାପତି, ରାଧାବଲ୍ଲଭ ପ୍ରଧାନ, ଯଦୁ ବିହାରୀ ବାଘ, ଶ୍ରୀକାନ୍ତ ମିଶ୍ର, ମହେନ୍ଦ୍ର ସାହୁ, ପଦ୍ମାଳୟ ପ୍ରଧାନ, ସୁମିତ୍ରା ସାହୁ, ଦୀପାଞ୍ଜଳି ଖଟୁଆ, ଶମ୍ଭୁ ପ୍ରସାଦ ସାହୁ, ସୁରଜ ସାହୁ, ବଜରଙ୍ଗଲାଲ ଅଗ୍ରୱାଲ, ଠାକୁର ଚରଣ ନାୟକ, ଶିବ ରଥ, କୃଷ୍ଣଚନ୍ଦ୍ର କଅଁର, ବିଜୟନନ୍ଦ ସାହୁ, ଲକ୍ଷ୍ମଣ ସାହୁ, ଗୌର ବାଘ, ପୁରନ୍ଦର କର୍ମୀ, କୈଳାସ ଛତ୍ରିଆ, ଦୁତୀୟ ରଣା, ରବୀନ୍ଦ୍ର ମିଶ୍ର, ପଞ୍ଚାନନ କର୍ଣ୍ଣ, ଚନ୍ଦ୍ର ଶେଖର ସାହୁ, ସଂଜୀବ ଅଗ୍ରୱାଲ, ସନମ ଗୁରୁ, ପୁରନ୍ଦର ଠେଲା, ଶ୍ରୀକାନ୍ତ ଛତ୍ରିଆ, ବାସୁଦେବ ଷାଣ୍ଢ, ଅଜିତ ବସ୍ତିଆ, ବଂଶୀଧର ମାଝୀ, ଦୂତିଆ ଚରଣ ସାହ. ଶଙ୍କର୍ଷଣ ପ୍ରଧାନ, ଦେବୀ ପ୍ରସାଦ ନଏକ, ଅଶୋକ ସାହୁ, ପ୍ରଶାନ୍ତ ସାହୁ, ଜେମାକାନ୍ତ ନାୟକ, ଖଗେଶ୍ୱର ସାହୁ, ସୁରେଶ ମହାନ୍ତି ପ୍ରମୁଖଙ୍କୁ ନେଇ କମିଟି ଗଠିତ ହୋଇଛି। ଏମାନେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିବେ। ସ୍ଥାନୀୟ ଲୋକ କଳା ଯଥା ନାଟକ, ପାଲା, ଦଣ୍ଡ ନୃତ୍ୟ, କୀର୍ତ୍ତନ, ଲୋକ ନାଟକ ରାମାୟଣକୁ ଗୁରୁତ୍ୱ ଦିଆଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ସୁସ୍ୱାଦିଷ୍ଟ ଷ୍ଟଲଖୋଲିବ। ପଲ୍ଲୀଶ୍ରୀ ମେଳା, ମୀନା ବଜାର, ବାଣିଜ୍ୟ ମେଳା ସହ ସରକାରୀ ବେସରକାରୀ ଦଚେତନତା ଧର୍ମୀ ଷ୍ଟଲ ଲାଗିବ। ଜନସାଧାରଣଙ୍କୁ ସଚେତନ କରିବାକୁ ସରକାରଙ୍କ ଜନହିତକର ଯୋଜନା ପାଇଁ ଷ୍ଟଲ ପଡିବ। ସାହିତ୍ୟ ସଭା ଅନୁଷ୍ଠିତ ହେବା ସହ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯିବ। ସେହିଭଳି ବାଲୁକା କଳା ପ୍ରଦର୍ଶିତ ହେବ।

## ମଣ୍ଡିରୁ ଉଠୁନି ଧାନ; ଚିନ୍ତାରେ ଚାଷୀ



କଣ୍ଟାମାଳ,୨୨ ।୨(ସମିସ): ମଣ୍ଡିରୁ ଉଠୁନି ଧାନ। ମାଘ ଯାଇ ଫଗୁଣ ହେଲାଣି; ହେଲେ ମଣ୍ଡି ସମସ୍ୟା ଛିଣ୍ଡୁନି। ଏହାଭିତରେ ରବିଚାଷ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ଔଷଧ, ସାର ଆବଶ୍ୟକ; ହେଲେ ଖରିଫ ଚାଷର ଧାନ ବିକିବାକୁ ଆଜିବି ମଣ୍ଡିରେ ଚାଷୀ ଚାତକ ପରି ଚାହିଁ ରହିଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ମଣ୍ଡିରେ ଆଜି ବି ଶହ ଶହ କୁଇଣ୍ଟାଲ ଧାନ ପଡି ରହିଛି। ସରକାର ଠିକ୍ ଭାବେ ଧାନ କିଣୁଛନ୍ତି ବୋଲି କହୁଥିବା ବେଳେ ମଣ୍ଡିର ଚିତ୍ର କିନ୍ତୁ ଅଲଗା। ଧାନ ବିକିବାକୁ ଚାଷୀ ମଣ୍ଡିରେ ଖରା, ବର୍ଷା, ଶୀତ ସହି ଅନିଦ୍ରା ହୋଇ ଜଗିଛି। କେବେ ଧାନ ବିକିବେ ଓ ଋଣ ପରିଶୋଧ କରିବେ କଣ୍ଟାମାଳ ଅଞ୍ଚଳର ଚାଷୀଙ୍କୁ ଏହି ଚିନ୍ତା ଘାରିଛି। ନା ଗାଡି ଆସୁଛି ନା ମଣ୍ଡିରୁ ଧାନ ଉଠୁଛି

## ଗଞ୍ଜେଇ କାରବାରରେ ୭ ଗିରଫ

ବୌଦ୍ଧ,୨୨ ।୨(ସମିସ): ୫୭ ନମ୍ବର ଜାତୀୟ ରାଜପଥର ବାମଣ୍ଡା ନିକଟରୁ ବୌଦ୍ଧ ପୁଲିସ ଏକ କାରରୁ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଭକ୍ତି ପ୍ରସାଦ ଦାସ ନାମକ ଜଣେ ଯୁବକ ଗିରଫ ହୋଇଛି। ଓଡି ୦୨ ସିଏକ୍ସ ୦୩୭୪ ନମ୍ବରର ଏକ କାରରେ ସେ ଅବୈଧ ଭାବେ ଗଞ୍ଜେଇ ପରିବହନ କରୁଥଲା। ତଲାସି ସମୟରେ ପୁଲିସ ଗାଡ଼ିରୁ ଗଞ୍ଜେଇ ଜବତ କରିଥିଲା ବୋଲି ଆଇଆଇସି ନଳିନୀ କାନ୍ତ ଦାସ ସୂଚନା ଦେଇଛନ୍ତି। ସେହିଭଳି ବଘିଆପଡା ଲାଣ୍ଡିବନ୍ଧ ରାସ୍ତାର ପଛାଇ ନିକଟରେ ମଧ ବୌଦ୍ଧ ପୁଲିସ ଚଢଉ କରି ୧୪ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଘଟଣାରେ ୬ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି। ଏମାନେ ଗଞ୍ଜେଇ ପରିବହନ ପାଇଁ ଯୋଜନା କରି ସେଠାରେ ଏକତ୍ରିତ ହୋଇ ଗଞ୍ଜେଇ ଚାଲାଣକାରୀଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢଉ କରିଥିଲା।

## ବେଆଇନ୍ ଗଞ୍ଜେଇ ଚାଷ ନଷ୍ଟ କଲା ପୁଲିସ

ଶଗଡା,୨୨ ।୨(ସମିସ ): ଘଣ୍ଟାପଡ଼ା ପୁଲିସ ଲୁଣ୍ଡୁରୁ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କରିଛି। ପ୍ରାୟ ୮୨ ଏକର ଜଙ୍ଗଲ ଜମିରେ ବେଆଇନ ଭାବେ ଚାଷ ହୋଇଥିବା ୮୨ହଜାର ୫ଶହ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରାଯାଇଛି।

## ଗୁଡଭେଲିପଦରରେ ଶବଦାହ ଗୃହ ନାହିଁ

ଶଗଡା,୨୨ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର ଗ୍ରାମ ୭ଟି ୱାର୍ଡକୁ ନେଇ ଗଠିତ। ଗ୍ରାମରେ ପାଖାପାଖି ୩ହଜାରରୁ ଅଧିକ ଲୋକ ବସବାସ କରିଥାନ୍ତି। ଗ୍ରାମରେ ଶବଦାହ ପାଇଁ ଆବଶ୍ୟକ ସ୍ଥାନର ଅଭାବ ରହିଛି। ଗ୍ରାମରେ କାହାର ମୃତ୍ୟୁ ଘଟିଲେ ଲୋକେ ସ୍ଥାନଭାବରୁ ଏଣେତେଣେ ଶବ ଦାହ କରିଥାନ୍ତି। ଅନ୍ୟ ସମୟରେ ଶବ ଦାହ ପାଇଁ କୌଣସି ସମସ୍ୟା ଦେଖା ଦେଉ ନ ଥିବା ବେଳେ ବର୍ଷା ଦିନେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବର୍ଷା ଛାଡିଲା ପର୍ଯ୍ୟନ୍ତ ଲୋକେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରନ୍ତି। ପ୍ରତ୍ୟେକ ଗ୍ରାମରେ ଶବ ଦାହ ପାଇଁ ଗୃହ ନିର୍ମାଣ କରାଯାଉଛି। ଗୁଡଭେଲିପଦର ଭଳି ପଞ୍ଚାୟତ ମହକୁମା ଓ ଏକ ଜନବହୁଳ ଗ୍ରାମରେ ଆଜି ପର୍ଯ୍ୟନ୍ତ ଶବଦାହ ଗୃହ ନିର୍ମାଣ ନ ହେବା ପରିତାପର ବିଷୟ ବୋଲି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଲକ୍ଷ୍ୟ ପୂରଣ ହେବାରୁ ଆସୁନି ଗାଡ଼ି

## ୨ ସପ୍ତାହରୁ ଅଧିକ ଦିନ ହେଲା ମଣ୍ଡିରେ ପଡ଼ିଛି ଧାନ

**ଶଗଡା,୨୨ ।୨(ସମିସ):** କଣ୍ଟାମାଳ ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀମାନେ ଶହ ଶହ ବସ୍ତା ଧାନ ଧରି ବିକ୍ରି ପାଇଁ ଦୀର୍ଘ ଦିନ ହେଲା ପଡି ରହିଛନ୍ତି। ମିଲରଙ୍କ ଲକ୍ଷ୍ୟ ପୂରଣ ହୋଇଥିବାରୁ ଗାଡି ଆସୁନାହିଁ। ପ୍ୟାକ୍ସ କର୍ମଚାରୀଙ୍କ ଦେଖା ମିଳୁନି। ଏଣୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଫେବୃଆରୀ ମାସର ତୃତୀୟ ସପ୍ତାହ ସରିବାକୁ ବସିଥିଲେ ହେଁ ଚାଷୀ ତା'ର କଷ୍ଟ ଉପାର୍ଜିତ ଧାନ ମଣ୍ଡିରେ ବିକ୍ରି ପାଇଁ ନାନା ହଇରାଣ ହେଉଛି। ମିଲର ଧାନ କିଣା ଲକ୍ଷ୍ୟ ପୂରଣ ହୋଇଥିବାରୁ କଣ୍ଟାମାଳ ବ୍ଲକର ବିଭିନ୍ନ ମଣ୍ଡିରେ ଏଭଳି ଅଚଳାବସ୍ଥା ଦେଖିବାକୁ ମିଳିଛି। ମଣ୍ଡିରେ ଜାନୁଆରୀ ଶେଷ ସପ୍ତାହ ଓ ଫେବୃଆରୀ ମାସର ପ୍ରଥମ ସପ୍ତାହରେ ଥିବା ଟୋକନରେ ଚାଷୀ ଧାନ ବିକ୍ରି କରି ପାରିନାହାଁନ୍ତି। ଏହାଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶୁଣ୍ଠିପଦର ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀ ନାମ ପଞ୍ଜିକରଣ କରିଥିଲେ। ଫେବୃଆରୀ ତୃତୀୟ ସପ୍ତାହ ସରିବାକୁ ଥିବା ବେଳେ ମଣ୍ଡିରେ ବର୍ତ୍ତମାନ ଚାଷୀ ଶହ ଶହ କ୍ୱିଣ୍ଟାଲ ଧାନ ପଡ଼ିରହିଛି। ମିଲରର ଲକ୍ଷ୍ୟ ପୂରଣ ହୋଇଥିବାରୁ ଗାଡି ପଠାଯାଉ ନ ଥିବାରୁ ଧାନ ଉଠିପାରୁନାହିଁ। ଏହାଫଳରେ ଚାଷୀ ଦିନରେ ଖରା ଓ ରାତିରେ ଶୀତକାକରରେ ମଣ୍ଡିରେ ଧାନ ଜଗି ରହୁଛି। ଏଭଳି ସ୍ଥିତିରେ ମଣ୍ଡିରୁ ଅନେକ ଚାଷୀଙ୍କ ଧାନ ଚୋରି ହେଉଛି। ଏପରିକି ଦୀର୍ଘଦିନ ହେଲା ମଣ୍ଡିରେ ଧାନ ପଡିରହିଥିବାରୁ ମୂଷା ଖାଉଛନ୍ତି। ଉଇ ଲାଗି ଧାନ ବସ୍ତା ସବୁ ନଷ୍ଟ ହେଉଛି। ଟୋକନର ଅବଧି ସରିବାକୁ ବସିଛି। ଏଣୁ ଚାଷୀ ବାଧ ହୋଇ ବେପାରୀଙ୍କୁ ଧାନ ବିକ୍ରି କରୁଛନ୍ତି। ଏନେଇ ଚାଷୀ ପ୍ୟାକ୍ସ ସମ୍ପାଦକଙ୍କଠାରୁ ଆରମ୍ଭ କରି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏଭଳି ସ୍ଥିତିରେ ଚାଷୀଙ୍କ ମନରେ ଧାନ ବିକ୍ରି ପାରିବେ ନା ନାହିଁ ସେନେଇ ଅନେକ ଆଶଙ୍କା ଉପୁଜିଲାଣି। ଚାଷୀ ଡିସେମ୍ବରରେ ଧାନ ଅମଳ କରି ସାରିଛନ୍ତି। ବୋନସ ପାଇବା ଆଶାରେ ଟୋକନ ଅନୁସାରେ ମଣ୍ଡିରେ ବିକ୍ରି ପାଇଁ ଦୀର୍ଘ ୨ ମାସରୁ ଅଧିକ ସମୟ ଧାନ ଧରି ବସି ରହିଛନ୍ତି। ଟୋକନ ଫେବୃଆରୀ ମାସରେ ଥିବାରୁ ଦୀର୍ଘ ୨ ମାସ କାଳ ଧାନ ଧରି ବସିରହିଛନ୍ତି। ଏପରିକି ଚାଷୀମାନେ ତାଙ୍କ ପୁଅ ଝିଅ ବାହାଘର, ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ସେମାନେ ଚିନ୍ତାରେ ଥିବା ଅଭିଯୋଗ କରିଛନ୍ତି। ଏପଟେ ଧାନ ବିକ୍ରି ହେଉ ନ ଥିବାବେଳେ ସେପଟେ ଅନ୍ୟ କୌଣସି ସୂତ୍ରରୁ ଟଙ୍କା ଯୋଗାଡ଼ ହୋଇପାରୁ ନ ଥିବାରୁ ଚାଷୀ ବାଧ ହୋଇ ବେପାରୀ ପାଖରେ କ୍ୱିଣ୍ଟାଲ ପ୍ରତି ଦୁଇ ହଜାର ଟଙ୍କାରେ ବିକ୍ରି କରୁଥିବା ଯୋଗୁଁ ତାଙ୍କର ବହୁତ କ୍ଷତି ହେଉଥିବା କହିଛନ୍ତି। ନୂତନ ସରକାର ଚାଷୀଙ୍କୁ କ୍ୱିଣ୍ଟାଲ ପ୍ରତି ୨୩୦୦ ଟଙ୍କା ଦେଉଥିବାବେଳେ ୮୦୦ ଟଙ୍କା ବୋନସ ଦେବାକୁ ଘୋଷଣା କରିଥିବାରୁ ଚାଷୀ ବହୁତ ଖୁସି ହୋଇଥିଲେ; ହେଲେ ଟୋକନ ଆସିବାରେ ବିଳମ୍ବ ଯୋଗୁଁ ଚାଷୀ ତା'ର ସୁବିଧା ନେବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ଖରିଫ ଋତୁର ଧାନ ବିକ୍ରି ହୋଇ ନ ଥିବା ବେଳେ ରବି ଋତୁ ଚାଷ ପାଇଁ ଚାଷୀ କେବେ ପ୍ରସ୍ତୁତି କରିବ ସେ ନେଇ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ସରକାର ଏଥିପ୍ରତି ଧ୍ୟାନ ଦେଇ ତୁରନ୍ତ ମିଲର ଗାଡି ପଠାଇ ଚାଷୀଙ୍କ ଧାନ ଉଠାଇବାକୁ ଚାଷୀ ଦାବି କରିଛନ୍ତି। ନ ହେଲେ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଚିନ୍ତାରେ ଚାଷୀ

## ତୁଲୁଣ୍ଡାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ



**ତରଭା,୨୨ ।୨(ସମିସ):** ତରଭା ବ୍ଲକ୍ ତୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ବରିଷ୍ଠ ଶିକ୍ଷୟିତ୍ରୀ ସୁନନ୍ଦା ବାବୁ, କମଳିନୀ ତ୍ରିପାଠୀ, ଭାରତୀ ବେହେରା, ଯାଜ୍ଞସେନୀ ନାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଭାଷାର ମହତ୍ତ୍ୱ ଉପରେ କହିଥିଲେ। ଓଡ଼ିଆ ଭାଷାକୁ ସମୃଦ୍ଧ କରିଥିବା ମହାପୁରୁଷଙ୍କ ଉପରେ ଅତିଥିଗଣ ବର୍ଣ୍ଣନା କରିଥିଲେ। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶପଥ ପାଠ କରିଥିଲେ। ସେହିଭଳି ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପାଠ କରାଯାଇଥିଲା। ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି ଅଧ୍ୟକ୍ଷତା କରି ମାତୃଭାଷା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହାସହ ମାତୃଭାଷାର ସୁରକ୍ଷା ଓ ବିକାଶ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସେହିଭଳି ଓଡ଼ିଆ ଗଦ୍ୟ ଓ କବିତା ପାଠ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ୬ ଶ୍ରେଣୀକୁ ଜଣେ ଶିକ୍ଷକ

ବୀରମହାରାଜପୁର,୨୨ ।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଖଣ୍ଡହତା ପଞ୍ଚାୟତର ସାହାଜଲଥା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଦେଖା ଦେଇଛି। ସ୍କୁଲରେ ଏବେ ବାଲ୍ ବାଟିକା ସହ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସେମାନଙ୍କୁ ପଢ଼ାଇବା ପାଇଁ ପୂର୍ବରୁ ୨ ଜଣ ଶିକ୍ଷକ ନିଯୁକ୍ତି ପାଇଥିଲେ; ମାତ୍ର କିଛି ମାସ ପୂର୍ବରୁ ଜଣେ ଶିକ୍ଷକଙ୍କ ବଦଳି ହୋଇଛି; ମାତ୍ର ତାଙ୍କ ସ୍ଥାନରେ ଆଉ ନୂତନ ଭାବେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା ନାହିଁ। ଏହାଫଳରେ ଏବେ ସ୍କୁଲରେ ମାତ୍ର ଜଣେ ଶିକ୍ଷକ ଅଛନ୍ତି। ଏପରିକି ସମ୍ପୃକ୍ତ ଶିକ୍ଷକଙ୍କ ଦେହ ଅସୁସ୍ଥ ରହୁଛି। ପୁଣି ଦେଖିବାକୁ ଗଲେ ଜଣେ ଶିକ୍ଷକ ୬ଟି ଶ୍ରେଣୀରେ ପାଠ ପଢ଼ାଇବା ଅସମ୍ଭବ। ଜରେ ଶିକ୍ଷକ ସ୍କୁଲର ଅନ୍ୟ ସରକାରୀ କାମ ସବୁ କରିବା ସହ ପିଲାଙ୍କୁ କେତେବେଳେ ପାଠ ପଢ଼ାଇବେ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ ଗ୍ରାମବାସୀ ସ୍କୁଲରେ ଶିକ୍ଷକ ସମସ୍ୟାର ସମାଧାନ ପାଇଁ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଲୁହାଙ୍କୁ ଅଭିଯୋଗ କରିଥିଲେ। ସ୍କୁଲରୁ ଯଦି ଜଣେ ଶିକ୍ଷକଙ୍କୁ ବଦଳି କରାଗଲା ତେବେ କାହିଁକି ତାଙ୍କ ସ୍ଥାନରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଗଲା ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଏହି ସ୍କୁଲରେ ଶିକ୍ଷକ ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ସିରିଜ ଦୁର୍ଘଟଣାରେ ଜଣେ ଗୁରୁତର

ଶଗଡା,୨୨ ।୨(ସମିସ): ୫୭ ନଂ ଜାତୀୟ ରାଜପଥର ମନମୁଣ୍ଡା ଥାନା ଗୁଦୁଗୁଦା ନିକଟ ସାନ ନାଳିଆ ନିକଟରେ ରବିବାର ସନ୍ଧ୍ୟା ୮ଟାରେ ସିରିଜ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାରେ ବୋଲେରୋ, କାର, ସ୍କର୍ପିଓ ଓ ଏକ ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ବୌଦ୍ଧ ଥାନା ଟୁଟୁସିଙ୍ଗା ଗ୍ରାମରୁ ଏକ ବରଯାତ୍ରୀ ଗାଡି ବିବାହ ସାରି ଫେରୁଥିବା ସମୟରେ ଗୁଦୁଗୁଦା ସାନ ନାଳିଆ ନିକଟରେ ମନମୁଣ୍ଡା ପଟୁ ଆସୁଥିବା ଏକ ସ୍କର୍ପିଓ, କାର ଓ ବାଇକକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବୋଲେରୋ ଡ୍ରାଇଭର ସୁବଳୟା ଥାନା ବୁଢ଼ୀପାଲି ଗ୍ରାମର ଦେବେନ୍ଦ୍ର ବେହେରା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବାଉଁଶୁଣି ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଗାଡିର ଲୋକେ ସୁରକ୍ଷିତ ଥିବା ଜଣାପଡିଛି।

## ମାସିକ ଆଲୋଚନାଚକ୍ର ଓ କବିତା ପାଠ

ବୌଦ୍ଧ,୨୨ ।୨(ସମିସ): ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀ ପକ୍ଷରୁ ବୌଦ୍ଧ ବ୍ଲକ୍ କମିରା ଗ୍ରାମର ମହିଳା ଗୋଷ୍ଠୀ କେନ୍ଦ୍ରଠାରେ ମାସିକ ଆଲୋଚନା ଚକ୍ର ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଧ୍ରୁବଚରଣ ଘିବେଲା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଏକାଡେମୀର ଉପଦେଷ୍ଟା ସୁଧୀର କର୍ଣ୍ଣ, ସମ୍ମାନିତ ଅତିଥି ଭାବେ ଯାଦବ କିଶୋର କର୍ଣ୍ଣ, ମୁଣ୍ଡାପଡା ସରପଞ୍ଚ ସୁମନ୍ତ ନାୟକ, ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପ୍ରତାପ ରଥ, ଏକାଡେମୀର ସମ୍ପାଦକ ଶ୍ରୀ ରାଧାମୋହନ ମାହାଣା ଉପସ୍ଥିତ ଥିଲେ। ସନ୍ତୋଷ ଦାସ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ବାଞ୍ଛାନିଧି ହୋତା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଞ୍ଛାନିଧି ହୋତା କବିତା ସଂଯୋଜନା କରିଥିଲେ। କବି ନାଦୁଲେନ୍ଦୁ ମହାନ୍ତି, ବିକେ ନିର୍ମଳ, ଶୁକଦେବ ପ୍ରଧାନ, ଟଙ୍କଧର ସାହୁ, ପ୍ରତାପ ରଥ, ରାଧାମୋହନ ମାହାଣା, ତପନ ନାୟକ, ବିଦ୍ୟାଧର ସ୍ୱାଇଁ, ସନ୍ତୋଷ ଦାସ, ବାଞ୍ଛାନିଧି ହୋତା ମୁରଲୀ ନାୟକ, ଯାଦବ କିଶୋର କର୍ଣ୍ଣ ପ୍ରମୁଖ କବିତା ପାଠ କରିଥିଲେ।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା



ବିନିକା,୨୨ ।୨(ସମିସ): ବିନିକା ବ୍ଲକ ଫୁଲମୁଠି ଗ୍ରାମର ଇଷ୍ଟଦେବୀ ମାଁ ମାହେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନେଇ ସାରା ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ମହାଆଡମ୍ବରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ବାହାରି ମୁକ୍ତିତୀର୍ଥ ପାପକ୍ଷୟ ଘାଟକୁ ପହଞ୍ଚିଥିଲେ। ସେଠାରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଜଳ ଭର୍ତ୍ତି ପୂର୍ଣ୍ଣ କଳସ ଧରି ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବର ମୁଖ୍ୟ କର୍ତ୍ତା ଭାବେ ବନବିହାରୀ ମହାକୁର ଓ ତାଙ୍କ ପତ୍ନୀ ମାଳତୀ ମହାକୁର, ନାମ ଯଜ୍ଞ କର୍ତ୍ତା ଭାବେ ରାଖାଲ ବରିହା ଓ ତାଙ୍କ ପତ୍ନୀ ସସ୍ମିତା ବରିହା, ମୁଖ୍ୟ ପୂଜକ ଭାବେ ବାସୁଦେବ ହୋତା, ସହଯୋଗୀ ପୂଜକ ଯୁଧିଷ୍ଠିର ଦାଶ, ମନ୍ଦିର ପୂଜକ ବିଷ୍ଣୁ ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି। ସପ୍ତାହ ବ୍ୟାପି ଏହି ଉତ୍ସବ ଅନୁଷ୍ଠିତ ହେବ। ବିଭିନ୍ନ ଦିବସରେ ମଣ୍ଡପ ପ୍ରବେଶ, ନାମଯଜ୍ଞ ଆରମ୍ଭ, ମନ୍ଦିର ନ୍ୟାସ, ଚଣ୍ଡୀ ହୋମ, ମନ୍ଦିର ଅଙ୍ଗପୂଜା, ଦେବୀଙ୍କ ପୀଠ ପ୍ରବେଶ ହେବ। ସେହିପରି ପାରାୟଣ, ପ୍ରବଚନ, ଭଜନ ସନ୍ଧ୍ୟା ଆଦି ଅନୁଷ୍ଠିତ ହେବ।

## ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ତରଭା,୨୨ ।୨(ସମିସ): ତରଭା ବ୍ଲକ୍ ମେଣ୍ଡା ଭାରତୀ ଭବନ ପାଠାଗାରରେ ରବିବାର ପତଞ୍ଜଳି ଯୋଗ ଶିବିର ସମିତି ଓ ପାଣ୍ଡପାଲି ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମେଣ୍ଡା ଫାଣ୍ଡି ଅଧିକାରୀ ପ୍ରେମରାଜ ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ନେତ୍ର ଚିକିତ୍ସାଳୟର ଡାକ୍ତର ଜାଗାବଳିଆ ସାହୁ, ଟେକ୍ନିସିଆନ ସଂଜୀବ ଥନାପତି ଶିବିରରେ ପଞ୍ଜୀକୃତ ୬୬ ଜଣଙ୍କ ଚକ୍ଷୁ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ।

## ୨୪ ପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

**ଶଗଡା,୨୨ ।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳିପଦର କିର୍ଲାଠାରେ



୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ପୁରୁଷ ଓ ମହିଳା କୀର୍ତ୍ତନ, ଘଣ୍ଟ ବାଦ୍ୟ ସହ ଶୋଭାଯାତ୍ରାରେ ବାହାରି ନିକଟସ୍ଥ ଗାଁ ପୁଷ୍କରିଣୀକୁ ଯାଇଥିଲେ। ସେଠାରରୁ କଳସରେ ପାଣି ଆଣି ଯଜ୍ଞ ସ୍ଥଳରେ ପହଞ୍ଚିବା ପରେ ସ୍ଥାପନ କରାଯାଇଥିଲା। ସୋମବାର ନାମ ଯଜ୍ଞ ଅନୁଷ୍ଠିତ ହେବ। ଗୁରୁବାର ଉଦ୍‌ଯାପିତ ହେବ। ଲିଙ୍ଗରାଜ ଦଣ୍ଡୁଆସି ଓ କଳ୍ପନା ଭୋଏ କର୍ତ୍ତା କାର୍ଯ୍ୟ ତୁଲାଇ ଥିବା ବେଳେ ବିରେନ ଚାନ୍ଦ ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। କୁଶଳେଶ୍ୱର ଭାଟି, ମୃତ୍ୟୁଞ୍ଜୟ ନାଏକ, ବିକାଶ ବଗର୍ତ୍ତୀ, ସୁବାଷ ବାରିକ, ଭଜନ ମାହାର, ବିରେନ ମାହାର, ଯୁବରାଜ ଦଣ୍ଡୁଆସି, କିଷାଳେଶ୍ୱର ଦୀପ, ଉମନ ରଣାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ପୀତାମ୍ବରପୁରରେ ଗୋ-ସୁରକ୍ଷା ସଚେତନତା ସଭା

ବୌଦ୍ଧ,୨୨ ।୨(ସମିସ)



ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୀତାମ୍ବରପୁରରେ ଗୋ ସୁରକ୍ଷା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ ଫେଡେରେସନ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ହରଭଙ୍ଗା ଖଣ୍ଡ ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ ଫେଡେରେସନ ସଭାପତି ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ହରଭଙ୍ଗା ଖଣ୍ଡ ସଂଘଚାଳକ ରାଜ କିଶୋର ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଗୋ ସୁରକ୍ଷା ଓ ଗୋସେବା ଉପରେ ସେ ବକ୍ତବ୍ୟ ରଖିଥିଲେ। ଦେଶୀ ଗୋମାତା ବିଲୋପ ହୋଇଯାଉଛନ୍ତି। ଘରେ ଆଉ ଗୋ ପାଳନ ହେଉନି ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମାହେଶ୍ୱରୀ ଗୋଶାଳା ସମ୍ପାଦକ ତଥା ବୌଦ୍ଧ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନ ଫେଡେରେସନ ସମ୍ପାଦକ କୃତ୍ତିବାସ ପଲିଆ ଯୋଗ ଦେଇଥିଲେ। ବୁଲା ଓ ଅସହାୟ ଗୋମାତାଙ୍କ ସେବା କରି ସେ ବହୁତ ଖୁସି ଥିବା କହିଥିଲେ। ଜିଲ୍ଲାରେ ଯେଉଁମାନେ ଦେଶୀ ଗୋମାତା ପାଳନ କରିବେ ସେମାନଙ୍କୁ ସେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପଲ୍ଲୀ ବିକାଶ କୃଷକ ଉତ୍ପାଦକ କମ୍ପାନୀ ନିର୍ଦ୍ଦେଶକ ଦିବ୍ୟଲୋଚନ ପ୍ରଧାନ ମଞ୍ଚାସୀନ ଥିଲେ। ପୀତାମ୍ବରପୁରରୁ ଗୋମାତା ଚାଲାଣ ହେଉଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଯେଉଁମାନେ ଏଥିରେ ଲିପ୍ତ ଅଛନ୍ତି ସେମାନଙ୍କୁ ନିବୃତ୍ତ ରହିବା ପାଇଁ ଅନୁରୋଧ କରିଥିଲେ।

ଏହି ଆଲୋଚନା ସଭାରେ ପ୍ରଫୁଲ୍ଲ ମହାକୁଡ଼, ପ୍ରବୀର ମାହାର ଅଂଶଗ୍ରହଣ କରି ସହଯୋଗ କରିଥିଲେ। ପୀତାମ୍ବରପୁର ଗ୍ରାମ ଦେଇ ଚାଲାଣ ହେଉଥିବା ୫୬ଟି ଗୋମାତାଙ୍କୁ ଉଦ୍ଧାର କରି ଶ୍ରୀ ଶ୍ୟାମ ଗୋଶାଳାରେ ପ୍ରତିପାଳନ କରୁଥିବା କୁଶ କର୍ଣ୍ଣଙ୍କୁ ଅତିଥିମାନେ ଶ୍ରୀଫଳ, ଉତ୍ତରୀୟ, ସ୍ମୃତିଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଶଙ୍କର କର୍ଣ୍ଣ, ବସନ୍ତ ଅମାତ, ଗୋବିନ୍ଦ ନାୟକ, ନିଗମ ପ୍ରଧାନ, ନିରାକାର ମହାକୁଡ, ଗୁମନ୍ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ଶ୍ରୀରାମ ମନ୍ଦିର ପୂଜକ ଶେଷଦେବ ପଣ୍ଡା ବେଦମନ୍ତ୍ର ପାଠ ପୂର୍ବକ ଶାନ୍ତି ପାଠ କରି କାର୍ଯ୍ୟକ୍ରମ ସମାପନ କରିଥିଲେ।



ଝାରସୁଗୁଡ଼ା ପୁଲିସ ରିଜର୍ଭ ପଡ଼ିଆରେ ରବିବାର ସଡ଼କ ଦୁର୍ଘଟଣାରେ ମୃତ ୫ ପୁଲିସ କର୍ମଚାରୀଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

### ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା

# ରୁକ୍ମିଣୀଙ୍କ ମୃତ୍ୟୁ ଏବିବି ରହସ୍ୟ ଘେରରେ

**ଝାରସୁଗୁଡ଼ା, ୨୨।୨(ସମିସ)**

ଜିଲ୍ଲାର ବ୍ରଜରାଜନଗର ଓରିଏଣ୍ଟ ଥାନା ଅଧୀନ ସାନଜୋବ ହନୁମାନ ମନ୍ଦିର ପଡ଼ାରେ ବନ୍ଦ ଘର ଭିତରୁ ମୃତ ରୁକ୍ମିଣୀ ଭୋଇ(୫୫)ଙ୍କ ଶବ ଉଦ୍ଧାର ହେବା ପରେ ସ୍ୱାମୀ ଗୋବିନ୍ଦ ଭୋଇ (୬୧)ଙ୍କ ମଧ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଗୋବିନ୍ଦ-ରୁକ୍ମିଣୀ ନିଃସନ୍ତାନ ଥିଲେ। ତେଣୁ ପୁଲିସ ଓ ଗ୍ରାମବାସୀ ତାଙ୍କର ୫ ଭଉଣୀ ସୁଲୋଚନା, କଳାବତୀ, ବୁନ୍ଦେ, ଶିଳାବତୀ, କମଳାଙ୍କ ସହିତ





ଆଲୋଚନା କରିଥିଲେ। ଏହାପରେ ଭଣଜା ଭରତ ଭୋଇ ଶୁଦ୍ଧିକ୍ରିୟା ସମ୍ପନ୍ନ କରିଥିଲେ। ଇବ ନଦୀ ଘାଟରେ ଶବ ସଂସ୍କାର ହୋଇଥିଲା। ଭଣଜା ମୁଖାଗ୍ନି ଦେଇଥିଲେ। ତେବେ ଏହି ଘଟଣାଟି ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। କିଭଳି ଓ କାହିଁକି ଏହି ଘଟଣା ଘଟିଲା ଏବେବି ରହସ୍ୟାବୃତ ହୋଇ ରହିଛି। ଅପରପକ୍ଷେ ଉଭୟଙ୍କର ଭିଷେରା

**ହସ୍ପିଟାଲରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା**

ସଂଗ୍ରହ କରାଯାଇଛି। ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଘର ଭିତରୁ ପୁଲିସକୁ ସେପରି କୌଣସି ସନ୍ଦେହଜନକ ତଥ୍ୟ ମିଳିନାହିଁ। ସ୍ଥାନୀୟ ଲୋକଙ୍କ ଅନୁସାରେ ଗୋବିନ୍ଦ ସ୍ଥାନୀୟ ଲୋକଙ୍କ ସହ ବିଶେଷ ସମ୍ପର୍କ ରଖୁ ନଥିଲେ। ସେ କୋଇଲା ଖଣି କର୍ମଚାରୀ ଭାବେ ଅବସର ନେଇଥିଲେ। ତେବେ ଏତେ ଦୁର୍ଗନ୍ଧ ଭିତରେ ସେ କିଭଳି ୪ଦିନ ରହିଥିଲେ ତାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ରୁକ୍ମିଣୀଙ୍କ ମୃତ୍ୟୁ କିଭଳି ହେଲା ତାହା ତଦନ୍ତ ଯୋଗ୍ୟ ରହିଛି। ଆଜି ପୁଲିସ ସାମ୍ନାରେ ଭଣଜା ଓ ଭଉଣୀ ମାନେ ଘର ଖୋଲି ସବୁ ଜିନିଷପତ୍ର ପୁଲିସ ଜିମାରେ ଦେଇଥିଲେ। ପୁଲିସ ନିର୍ଦ୍ଦେଶରେ ବାକି ସାମଗ୍ରୀକୁ ଜାଳି ଦେଇଥିଲେ। ତଦନ୍ତ ସରିବା ପରେ ଭଣଜା ଭରତ ଭୋଇଙ୍କୁ ଘର ଚାବି ହସ୍ତାନ୍ତର କରିବେ ବୋଲି ଓରିଏଣ୍ଟ ପୁଲିସ ପକ୍ଷରୁ ସୂଚନା ରହିଛି।

## ମାଁ ମହାମାୟୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଦେବଗଡ଼, ୨୨।୨ (ସମିସ):** ଦେବଗଡ଼ ପୌରାଞ୍ଚଳ ଖପରସାହିରେ ନବନିର୍ମିତ ମାଁ ମହାମାୟୀ ମନ୍ଦିର ଓ ମାଁଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ତିନି ଦିନ ଧରି ଏଥିପାଇଁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ହୋଇଥିଲା। ଶତାଧିକ ମହିଳା ଓ ଯୁବତୀ କଳସ ଶୋଭାଯାତ୍ରାରେ ପ୍ରଧାନପାଟ ଜଳପ୍ରପାତରୁ ଜଳ ସଂଗ୍ରହ କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପାରମ୍ପରିକ ପୂଜାର୍ଚ୍ଚନା, ହୋମଯଜ୍ଞ, ଚଣ୍ଡୀପାଠ ସହିତ ମନ୍ଦିର ପ୍ରତିଷ୍ଠା ପରେ ମାଁ ମହାମାୟୀଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇ ବିଗ୍ରହ ସ୍ଥାପନ କରାଯାଇଥିଲା। ହୋମକାର୍ଯ୍ୟରେ ଉମାଶଙ୍କର ସାହୁ ଏବଂ ତାଙ୍କ ଧର୍ମପତ୍ନୀ ପବନୀ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବିଭିନ୍ନ ସଂକୀର୍ତ୍ତନ ଦଳ ସାମିଲ ହୋଇ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସାହି ବାସିନ୍ଦାଙ୍କ ସମେତ ଶହଶହ ଶ୍ରଦ୍ଧାଳୁଙ୍କ ସହଯୋଗ ଓ ଉପସ୍ଥିତିରେ ମାଁ ମହାମାୟୀଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ପରିଚାଳନାରେ ମାଁ ମହାମାୟୀଙ୍କ ପୂଜା କରୁଥିବା ଦେହୁରାଣୀ ମିନା ସାହୁ, ପ୍ରସନ୍ନ ବେହେରା, ବେହେରା ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଏକତାଲି ସରକାରୀ ମତ୍ସ୍ୟ ପ୍ରଜନନ କେନ୍ଦ୍ର ପରିଦର୍ଶନ

**ଝାରସୁଗୁଡ଼ା, ୨୨।୨(ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏକତାଲି ସ୍ଥିତ ସରକାରୀ ମତ୍ସ୍ୟ ପ୍ରଜନନ କେନ୍ଦ୍ର ପରିଦର୍ଶନ କରି ଏହାର ଭିତ୍ତିଭୂମି ଓ ବିକାଶମୂଳକ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଜିଲ୍ଲାପାଳ ସମ୍ପୂର୍ଣ୍ଣ ଫାର୍ମ ଅଞ୍ଚଳ ବୁଲି ଦେଖିବା ସହ ଜିଲ୍ଲା ମତ୍ସ୍ୟ ଅଧିକାରୀ ଏବଂ ଫାର୍ମ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ ଏହାର ଆଧୁନିକୀକରଣ ଓ ଆଗାମୀ ଦିନରେ ଆବଶ୍ୟକ ଥିବା ସରଞ୍ଜାମ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାରେ ମତ୍ସ୍ୟ ଜାଆଁଳା ଉତ୍ପାଦନ କ୍ଷମତା ବୃଦ୍ଧି କରିବା ପାଇଁ ଫାର୍ମର ପ୍ରତ୍ୟେକ ଅଂଶକୁ ସଠିକ୍ ଭାବେ ଉପଯୋଗ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ, ଫାର୍ମର ଦ୍ୱିତୀୟ ଭାଗରେ

**ମାଛ ଜାଆଁଳା ଉତ୍ପାଦନ ବୃଦ୍ଧି ଓ ଫାର୍ମର ଉନ୍ନତିକରଣ ଉପରେ ଗୁରୁତ୍ୱ**

**ଜବରଦଖଲ ମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ**

ହୋଇଥିବା ଜବରଦଖଲ ସମ୍ପର୍କରେ ଅବଗତ ହେବା ପରେ ଜିଲ୍ଲାପାଳ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଉକ୍ତ ସରକାରୀ ଜମିକୁ ତୁରନ୍ତ ଜବରଦଖଲ ମୁକ୍ତ କରିବା ପାଇଁ ଝାରସୁଗୁଡ଼ା ତହସିଲଦାରଙ୍କ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାର ମତ୍ସ୍ୟ ଚାଷୀମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ଏବଂ ସ୍ଥାନୀୟ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଜିଲ୍ଲାକୁ ଆଗୁଆ କରିବା ପାଇଁ ଜିଲ୍ଲାପାଳ ଏହି ଗସ୍ତ ସମୟରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଇକ୍ ଚୋରି: ୩ ଅଭିଯୁକ୍ତ ଗିରଫ, ୩ ବାଇକ୍ ଜବତ

**ଝାରସୁଗୁଡ଼ା, ୨୨।୨(ସମିସ):** ଜିଲ୍ଲା ବ୍ରଜରାଜନଗର ଥାନାରେ ୨ଟି ପୃଥକ ବାଇକ ଚୋରି ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ୩ଟି ବାଇକ୍‌କୁ ବ୍ରଜରାଜନଗର ପୁଲିସ ଜବତ କରିଥିବା ରବିବାର ପୁଲିସ ତରଫରୁ ସୂଚନା ଦିଆଯାଇଛି। ବ୍ରଜରାଜନଗର ଥାନା ମୁଖ୍ୟ ମାର୍କେଟର ଶୈଳେଶ ସଂଘାଇ ଓ ଷ୍ଟେସନପଡ଼ାର ସମୀର କ୍ୟୁରେଶିଙ୍କ ବାଇକ୍ ଚୋରି ହୋଇଥିବା ନେଇ ବ୍ରଜରାଜନଗର ଥାନାରେ ୨ଟି ପୃଥକ ମାମଲା ରୁଜୁ କରାଯାଇଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୨ଟି ପୁଲିସ ଟିମ ଗଠନ କରାଯାଇ ତଦନ୍ତ ଆରମ୍ଭ ଆରମ୍ଭ ହୋଇଥିଲା। ବ୍ରଜରାଜନଗରରେ ଲାଗିଥିବା ବିଭିନ୍ନ ସିସିଟିଭି ଆଧାରରେ ତଦନ୍ତ କରାଯାଇ ରବିବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବନହରପାଲି ଥାନା ବନ୍ଧବାହଲର ମନୋଜ ବାରିକ (୨୭), ବ୍ରଜରାଜନଗର ଥାନାରାମପୁର ବିନାସିପଡ଼ାର ସମୀର ଖାନ(୪୪) ଓ ଓପିଏମ୍ କଲୋନୀର ବିଶାଳ ବାଗ (୩୦)। ଗିରଫ ଅଭିଯୁକ୍ତ ମାନଙ୍କ ନିକଟରୁ ଏକ ଟିଭିଏସ ଆପାଚି, ଏକ ହିରୋ ସୁପର ସ୍ପ୍ଲେଣ୍ଡର ଓ ଗୋଟିଏ ନମ୍ବର ବିହୀନ ହୋଣ୍ଡା ଆକ୍ଟିଭା ୬ଜିକୁ ଜବତ କରାଯାଇଛି। ଅଧିକ ତଦନ୍ତ ଜାରି ରହିଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି।



## ବନ୍ଧବାହାଲରେ ବୁଲିଲା ଖଣ୍ଡା, ୫ ଗୁରୁତର ଆହତ

**ଇବଥର୍ମାଲ, ୨୨।୨(ସମିସ):** ବନହରପାଲି ଥାନା ବନ୍ଧବାହାଲ ଆଇବି କଲୋନୀ ସ୍ଥିତ ମାଛ ବଜାର ନିକଟରେ ଥିବା ବିରୁଆ ବସ୍ତିରେ ରବିବାର ଖଣ୍ଡା ଆକ୍ରମଣ ଘଟଣାରେ ଆତଙ୍କ ସୃଷ୍ଟି ହୋଇଛି। ଏଥିରେ ୫ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ମାନେ ହେଲେ ସୁରେଶ ସିଂହ(୨୬), ସରସ୍ୱତୀ ନନ୍ଦ (୨୫), ବାବୁଲି ନାଗ (୨୬), ତୁଳସୀ ଛତ୍ରିଆ (୨୩), ଡେମା ସିଂହ (୨୫)। ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଏମସିଏଲ ଲଖନପୁର କ୍ଷେତ୍ରର ବନ୍ଧବାହାଲ କଲୋନୀ ସ୍ଥିତ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା କରିବା ପରେ ଟିଆରଏଲ ଡାକ୍ତର ଖାନାକୁ ନିଆଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ଖବର ଲେଖାଯିବା ପର୍ଯ୍ୟନ୍ତ ପୁଲିସ ଘଟଣାରେ ଅଭିଯୋଗକାରୀ ପାନ ନନ୍ଦଙ୍କ ଲିଖିତ ଏତଲା ଆଧାରରେ ମାମଲା ରୁଜୁକରି ତଦନ୍ତ କରୁଥିବା ବେଳେ ବନହରପାଲି ଥାନା ଅଧିକାରୀ ଓ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପଧାନ ସୂଚନା ଦେଇଛନ୍ତି। ଆକ୍ରମଣକାରୀ ଅଙ୍କିତ ସିଂହ(୨୮) ଓ ତାର ବାପା ଦିନାନାଥ ସିଂହ (୫୭)ଙ୍କୁ ପୁଲିସ ଧରିବାକୁ ଉଦ୍ୟମ ଜାରି ରଖିଥିବା ପୁଲିସ ପକ୍ଷରୁ ପ୍ରକାଶ। ସୂଚନାନୁଯାୟୀ, ଗତ ୨୦ ତାରିଖ ସୁରେଶ ସିଂହ ଓ ସେହି ପଡ଼ାର ଦିନାନାଥଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ହୋଇଥିଲା। ଏପରିକି ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ସୁରେଶଙ୍କ ଭଉଣୀ ଆସି ଝଗଡ଼ା ନକରିବାକୁ ବାରଣ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ତାଙ୍କର ମୁଣ୍ଡ ଫାଟିଯାଇଥିଲା। ଘଟଣା ଦିନ ଏନେଇ ବନ୍ଧବାହାଲ ପୁଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ଅପରପକ୍ଷରୁ ମଧ୍ୟ ଅଭିଯୋଗ ହେବାରୁ ପୁଲିସ ୨ଟି ମାମଲା ରୁଜୁକରି ନୋଟିସ ଦେଇ ତଦନ୍ତ ଆରମ୍ଭ କରିଥିଲା। ଆଜି ମଧ୍ୟାହ୍ନରେ ଦିନନାଥ ସିଂହଙ୍କ ପୁଅ ଅଙ୍କିତକୁ ସୁରେଶଙ୍କ ପକ୍ଷରୁ ଗାଳିଗୁଲଜ କରିବା ସହ ମାଡପିଟ କରିବାକୁ କହୁଥିବା ଅଙ୍କିତ ବାହାରୁ ଶୁଣି ଘରକୁ ଆସିଥିଲା ବୋଲି କୁହାଯାଇଛି। ପରେ ଏକ ଭାଇରାଲ ଭିଡିଓରେ ଅଙ୍କିତ ଓ ତାର ବାପା ଦିନାନାଥ ତାଙ୍କ ଘର ସମ୍ମୁଖରେ ଖଣ୍ଡା ଧରି ବୁଲାଉଥିବା ବେଳେ ଅପରପକ୍ଷର ଲୋକେ ସେମାନଙ୍କ ଉପରକୁ ଟେକା ପଥର ମାଡ଼ କରିଥିବା ଦେଖିବାକୁ ମିଳିଛି। ଏଥିରେ ବାପ ପୁଅ ଦୁହେଁ ଘର ଭିତରକୁ ପଶି ଯାଇଥିଲେ। ଅପରପକ୍ଷର ଲୋକେ ସେମାନଙ୍କ ଘରକୁ ପଶିବାରୁ ଉଭୟ ବାପପୁଅଙ୍କ ଖଣ୍ଡାର ଆକ୍ରମଣର ଶିକାର ହୋଇଥିବା ନେଇ ପୁଲିସର ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ଆହତଙ୍କ ପେଟ, ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିବା ଦେଖି ବନ୍ଧବାହାଲ ସମିତି ସଭ୍ୟା ପଦ୍ମିନୀ ସିଂହ ଓ ଅନ୍ୟମାନେ ସେମାନଙ୍କୁ ଚିକିତ୍ସା ନିମନ୍ତେ ପଠାଇଥିବା ଜଣାପଡ଼ିଛି।

## ବିଧାୟକଙ୍କ ସାପ୍ତାହିକ ଅଭିଯୋଗ ଶୁଣାଣି ଶିବିର



**ଦେବଗଡ଼, ୨୨।୨(ସମିସ):** ତିଲେଇବଣି ବଲକ ସଦର ମହକୁମା ସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଦେବଗଡ଼ ବିଧାୟକଙ୍କ ସାପ୍ତାହିକ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଏଥିରେ ଜନସାଧାରଣଙ୍କ ନିକଟରୁ ଅଭିଯୋଗ ପତ୍ର ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଭିଯୋଗ ଗୁଡିକ ମଧ୍ୟରେ ୧୪ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ରହିଥିବା ଜଣାପଡ଼ିଛି। ବିଶେଷ ଭାବେ ଟାଇଁସର ଗାଁରେ ଏକ ମଣ୍ଡପ ଗୃହ ନିର୍ମାଣ, ଅଶୁରଖୋଲ ଗାଁରାସ୍ତାର ମରାମତି ଓ ଉନ୍ନତିକରଣ, ଫୁଲପଥରଖୋଲ ଗାଁର ପାନୀୟ ଜଳ ସମସ୍ୟା, କଣ୍ଟେଇକୋଳି ଗାଁରରାସ୍ତା ଏବଂ କେଫର୍ମ ପଟ୍ଟା ସମସ୍ୟାର ସମାଧାନ ଆଦି ଅଭିଯୋଗ ରହିଥିଲା। ଶିବିରରେ ବିଧାୟକଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ନଗେନ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ।

## ୨୬ରୁ ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ମେଗା ନିଯୁକ୍ତି ମେଳା

**ଝାରସୁଗୁଡ଼ା, ୨୨।୨(ସମିସ):** ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଶାଳ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବାକୁ ଯାଉଛି। ଜିଲ୍ଲାର ଯୁବକ ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କୁ ଉପଯୁକ୍ତ ଜୀବିକା ଯୋଗାଇଦେବା ଲକ୍ଷ୍ୟରେ ମେଗା ନିଯୁକ୍ତି ଅଭିଯାନ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରତିଷ୍ଠିତ ଘରୋଇ ଶିଳ୍ପ ସଂସ୍ଥା ଓ କମ୍ପାନୀମାନେ ଅଂଶଗ୍ରହଣ କରି ପ୍ରାର୍ଥୀମାନଙ୍କୁ ଚୟନ କରିବେ। ଚୟନ ପ୍ରକ୍ରିୟାରେ କେତେକ ସଂସ୍ଥା ଯୋଗ୍ୟ ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରୁଥିବା ବେଳେ ଅନ୍ୟ କେତେକ ସଂସ୍ଥା ପ୍ରଥମେ ନିଯୁକ୍ତି ଭିତ୍ତିକ ବୈଷୟିକ ତାଲିମ ପ୍ରଦାନ କରିବା ପରେ ନିଯୋଜିତ କରିବାର ବ୍ୟବସ୍ଥା ରହିଛି। ନିଯୁକ୍ତି ମେଳାରେ ସାମିଲ ହେବା ପାଇଁ ଶିକ୍ଷାଗତ ଯୋଗ୍ୟତା ଅତି କମରେ ୮ମ ଶ୍ରେଣୀ ପାସ୍‌ରୁ ଆରମ୍ଭ କରି ଦଶମ, +୨, +୩ (ସ୍ନାତକ), ଆଇଟିଆଇ, ଡିପ୍ଲୋମା ଏବଂ ବିଟେକ୍ ପର୍ଯ୍ୟନ୍ତ ରଖାଯାଇଛି। ଆବେଦନକାରୀଙ୍କ ବୟସ ସୀମା ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଅନିର୍ବାର୍ଯ୍ୟ। ସମସ୍ତ ଆଗ୍ରହୀ ପ୍ରାର୍ଥୀମାନେ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଏବଂ ସଦ୍ୟ ଅପଡେଟ୍ ହୋଇଥିବା ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ସହିତ ଆସନ୍ତା ୨୬ ତାରିଖ ଗୁରୁବାର ସକାଳ ୧୦ରୁ ଅପରାହ୍ଣ ୪ ମଧ୍ୟରେ ବେହେରାମାଲ ସ୍ଥିତ ଏମ୍‌ସିଏଲ୍ ପ୍ରେକ୍ଷାଳୟଠାରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାର ନିଯୁକ୍ତି ଆଶାୟୀ ଯୁବକଯୁବତୀଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଏଣୁ ଏହାର ସଦୁପଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶେଷ ଭାବେ ଅନୁରୋଧ କରାଯାଇଛି।

**୮ମ ରୁ ବିଟେକ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଂଶଗ୍ରହଣ କରିବାକୁ ଆହ୍ୱାନ**

## ନବ ଦାସ ପାର୍କ ଓ ଶ୍ରମିକ ଆଶ୍ରୟ ସ୍ଥଳର ଜିଲ୍ଲାପାଳଙ୍କ ପରିଦର୍ଶନ



**ଝାରସୁଗୁଡ଼ା, ୨୨।୨(ସମିସ):** ସହରର ଭିତ୍ତିଭୂମି ବିକାଶ ଓ ନାଗରିକ ସୁବିଧା ସୁଯୋଗର ସମୀକ୍ଷା କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ନବ ଦାସ ପାର୍କ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗସ୍ତ ସମୟରେ ଜିଲ୍ଲାପାଳ ପାର୍କ ସମ୍ମୁଖରେ ଥିବା ପରିତ୍ୟକ୍ତ ଶ୍ରମିକ ଆଶ୍ରୟ ସ୍ଥଳର ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ତୁରନ୍ତ ନବୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭବନର ସମସ୍ତ ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲ୍ଲାପାଳ ନବ ଦାସ ପାର୍କ ପରିସର ବୁଲି ଦେଖିବା ସହ ସେଠାରେ ଉପଲବ୍ଧ ଥିବା ବିଭିନ୍ନ ଆନୁଷଙ୍ଗିକ ସୁବିଧା ସୁଯୋଗର ଯାଞ୍ଚ କରିଥିଲେ। ପାର୍କ ମଧ୍ୟରେ ଥିବା ଅଚଳ ଫୁଆରା ଏବଂ ଶିଶୁରେଳଗାଡିର ସ୍ଥିତିକୁ ଦେଖି ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ମରାମତି କରି ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରବାସୀଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଏହି ପାର୍କର ରକ୍ଷଣାବେକ୍ଷଣ ଏବଂ ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦେବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜଙ୍ଗଲ ନିଆଁ ନିରାକରଣ ସଚେତନତା ପାଇଁ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ଝାରସୁଗୁଡ଼ା, ୨୨।୨(ସମିସ)**

ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବେଲପାହାଡ ବନାଞ୍ଚଳ ଦ୍ୱାରା ଜଙ୍ଗଲ ନିଆଁକୁ କିପରି ନିରାକରଣ କରାଯିବ ସେ ବିଷୟରେ ଅନେକ ଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ବେଲପାହାଡ ବନାଞ୍ଚଳର ରେଞ୍ଜ ଅଫିସର ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଦମଡିହି ଓ ଭିକମପାଲି ସେକ୍ସନ ଠାରେ ସଞ୍ଚାର ମାଧ୍ୟମରେ ଲୋକ ମାନଙ୍କୁ ସଚେତନ କରାଇଥିଲେ। ଶନିବାର ମହା ସିଂ ଠାରେ ଅନୁଷ୍ଠିତ ଜଳନ୍ଧର ମହାରାଜଙ୍କ ଦରବାରରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ରବିବାର ବନାଞ୍ଚଳ ଦ୍ୱାରା ଗ୍ରୀଣ୍ଡୋଲା ଖେଳ ପଡ଼ିଆ ଠାରେ ସଚେତନତା ପାଇଁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଟୁର୍ଣ୍ଣାମେଣ୍ଟକୁ ଅତିଥି ଭାବେ ବନଜାରୀ ସରପଞ୍ଚ ସୀମା ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ପ୍ରତିମା ବଡ଼େଇ ଓ ଗ୍ରୀଣ୍ଡୋଲା ବନ ସୁରକ୍ଷା ସମିତିର ସଭାପତି ଧନେଶ୍ୱର ବଡ଼େଇ ଉପସ୍ଥିତ ଥିଲେ। ଏହି ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ସେମି ଫାଇନାଲରେ କାଉଧର ଓ ବରତାବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାଉଧର ଦଳ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ଜାହାଜ ପଡ଼ା ଓ ସୁଲଦିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାହାଜ ପଡ଼ା ଦଳ ଟାଇ ବ୍ରେକରରେ ୩-୨ ଗୋଲରେ ବିଜୟୀ ହୋଇ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଫାଇନାଲରେ ଜାହାଜ ପଡ଼ା ଦଳ ୧-୦ ଗୋଲରେ କାଉଧର ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ଉପବିଜେତା କାଉଧର ଦଳକୁ ଟ୍ରଫି ସହିତ ୩ ହଜାର ଟଙ୍କା ଓ ବିଜୟୀ ଜାହାଜ ପଡ଼ା ଦଳକୁ ଟ୍ରଫି ସହିତ ୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡ଼ା ଜିଲ୍ଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଜିଲ୍ଲା ପରିବେଶ ସମିତିର ସଭାପତି ପ୍ରହ୍ଲାଦ ନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ତଥା ଜିଲ୍ଲା ପରିବେଶ ସମିତିର ଆଜୀବନ ସଦସ୍ୟ ବିଜୟ ବେହେରା, ବେଲପାହାଡ ଜୁନିୟର କଲେଜର ଅଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ପରିବେଶବିତ ତଥା ଏମପିଏଫର ପ୍ରତିଷ୍ଠାତା ହମିଦ ମହାପାତ୍ର ଉପସ୍ଥିତ ଥିଲେ। ବନାଞ୍ଚଳ ଅଧିକାରୀ ପ୍ରଦୀପ ନାୟକ ସଭାପତିତ୍ୱ କରିଥିବା ବେଳେ, ସୁଜିତ ବସ୍ତିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ହମିଦ ମହାପାତ୍ର ସମସ୍ତ ଖେଳାଳି, ଅତିଥି ଓ ଉପସ୍ଥିତ ଜନସାଧାରଣଙ୍କୁ ଜଙ୍ଗଲ ନିଆଁ ନିରାକରଣ ଶପଥ ପାଠ କରାଇଥିଲେ। ଟୁର୍ଣ୍ଣାମେଣ୍ଟରେ ଗ୍ରୀଣ୍ଡୋଲା ବନ ସୁରକ୍ଷା ସମିତି, ଗାଁବାସୀ ଏବଂ ବେଲପାହାଡ ଫରେଷ୍ଟର ସୁନିଲ ଭୋଇ, ଇକୋ ଟୁରିଜିମ ଫରେଷ୍ଟର ସନ୍ତୋଷ ଗୁରୁ, ବାଗମୁଣ୍ଡା ଫରେଷ୍ଟର ସୌଦାଗର କିଷାନ, ଲଖନପୁର ଫରେଷ୍ଟର ଲଳିତ ଅଡ଼ା, ଭିଖମପାଲି ଫରେଷ୍ଟର ସରୋଜ ଖମାରି, ଫରେଷ୍ଟର ପ୍ରଦୀପ ବେସନ, ମୁନି ଦାସ, ଫରେଷ୍ଟଗାର୍ଡ ବିପିନ ସା, ଭାଗିରଥି ପଧାନ, ଶିବଶଙ୍କର ମୁଣ୍ଡା, ସୁରେନ୍ଦ୍ର ଖମାରି, ଅନୁପ ଲାକ୍ରା, ହର୍ଷ ବର୍ଦ୍ଧନ ମିଶ୍ର, ରାହୁଲ ବେହେରା, ଯୁଧିଷ୍ଠିର ବାରୁ, ତେଜସ୍ୱୀନି ଶା, ଏଫଏମ ୟୁର ଶକ୍ତିମୟ ପୃଷ୍ଟି, ସୁବ୍ରତ ଛନ୍ଦା, ସୁମନ ବିଶ୍ୱାଳ, ସୁଜିତ ବସ୍ତିଆ, ନିମାଇଁ ବାରିକ ଓ ଟିକେଶ୍ୱରୀ ପଟେଲ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



**କାଉଧରକୁ ପରାସ୍ତ କରି ଜାହାଜପଡ଼ା ଚାମ୍ପିଅନ**

## ବାଗଡ଼ିହି ବନ ବିଭାଗର ନିଆଁ ନିରାକରଣ ସଚେତନତା



**ଝାରସୁଗୁଡ଼ା, ୨୨।୨(ସମିସ):** ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବାଗଡ଼ିହି ବନାଞ୍ଚଳର ବାଙ୍କୀ ଖେଳପଡ଼ିଆ ଠାରେ ବନାଞ୍ଚଳ ଅଧିକାରିଣୀ ଡ.ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନରେ ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ନିମନ୍ତେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବାଗଡ଼ିହି ବନାଞ୍ଚଳ ଅଧୀନ ମୋଟ ୮ଟି ଦଳ ଯଥା ବାଙ୍କୀ, ଫରେଷ୍ଟ ଇଲେଭେନ, ବାରଗାଡ, କୁଅଁରମାଲ, କାଦୋବାହଲ, ଭଉଁରା, ଭୀମଜୋର ଏବଂ ଢେଙ୍ଗୁରଜୋର ଗାଁର ଦଳ ମାନେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଭୀମଜୋର ବିଜୟ ଲାଭ କରିଥିବା ବେଳେ କୁଅଁରମାଲ ଦଳ ରନର୍ସଅପ୍ ହୋଇଥିଲେ। କାର୍ଯ୍ୟକ୍ରମରେ ଲଇକେରା ବ୍ଲକ ଅଧ୍ୟକ୍ଷ ସଞ୍ଜିତ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କିର୍ମିରା ତହସିଲଦାର ସଞ୍ଜୀବ କୁଲୁ, ବାବୁଛିପିଡିହି ସରପଞ୍ଚ ମନୋଜ ବୁଦୁଲା, ସାମାଜିକକର୍ମୀ ଦୀପକ ରାଉତ, ରାଜସ୍ୱ ପର୍ଯ୍ୟବେକ୍ଷକ ସରୋଜ ସା, ସମିତି ସଭ୍ୟ ମନମୋହନ କଂସରାଲୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ଯୁବଖେଳାଳି ତଥା ବାଙ୍କୀ ଗ୍ରାମବାସୀଙ୍କୁ ବାଗଡ଼ିହି ବନାଞ୍ଚଳ ଦ୍ୱାରା ଚଳିତ ବର୍ଷ କିପରି ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲ ମାନଙ୍କରେ ନିଆଁ ନ ଲାଗିବ ସେ ବିଷୟରେ ସଚେତନ ତଥା ଶପଥ ପାଠ କରାଯାଇଥିଲା। 'ଆସନ୍ତୁ ସମସ୍ତେ ମିଳିମିଶି ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା।' କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀଣି ବନ୍ଦନା ପଶାୟତଙ୍କ ସମେତ ବାଗଡ଼ିହି ବନାଞ୍ଚଳ ବନପାଳ ମୁରାରୀ ପ୍ରସାଦ ସାହୁ, ଅମୀର ପଟେଲ, ଫରେଷ୍ଟ ଗାର୍ଡ ରାଜକିଶୋର ପାଣିଗ୍ରାହୀ ଏବଂ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

